# BOARD OF EXAMINERS, ODISHA

## FIRST HALF YEARLY DEPARTMENTAL EXAMINATION OF OFFICERS, 2022

### CANAL LAW PART-C (WITHOUT BOOKS)

### (FOR THE OFFICERS OF P.W.D. CIVIL ENGINEERING SERVICE)

**Time: 2 ½ Hours** **Full Marks- 120**

**Pass Marks- 60**

---

**(Candidates are instructed not to write their own name and address in the Judgement. Mark will be deducted if it is found so.)**

1. It is assumed that you are a Judicial Magistrate, Classified under Sec. 6(III) of the Criminal Procedure Code, 1973. One G.R. Case is filed in your court for adjudication of an offence allegedly committed under the Orissa Irrigation Act, 1959 or the Bengal Irrigation Act (Act (III)-B-C of 1876). The statement of the accused and evidence of witnesses are produced before you. Write the judgment scanning evidence and material facts on record indicating the offence. If any committed and punishment liable to be imposed giving reference to the relevant provisions of the Irrigation act and Indian Evidence Act.

   Evidence of the witness for prosecution statement of Sri Lalit Parida, S/o. Mohan Parida aged about 35 years, Village/P.I. Kendrapara, Dist.-Kendrapara on solemn affirmation.

ମୁଁ କେନ୍ଦ୍ରାପଡା ବୃହତ୍ତର ଜଳସେଚନ ପ୍ରକଳ୍ପରେ ୧୯୯୨ ମସିହାରୁ କନିଷ୍ଠଯନ୍ତ୍ରୀ ଭାବରେ କାମ କରୁଅଛି। ଗତ ତା୧୫.୧୦.୨୦୦୩ ରିଖ ରାତିରେ ପେଟ୍ରୋଲିଂ ଦାୟିତ୍ୱରେ ଥିବା ହରି ପ୍ରଧାନ ମୋତେ ଜଣାଇଲେ ଯେ ମଥୁରୀ ସାହୁ କେନ୍ଦ୍ରାପଡା ଗ୍ରାମର ଶେଷ ମୁଣ୍ଡରେ ଥିବା ତାର ପାଞ୍ଚଟି କିଆରୀରେ ପାଣି ମଡ଼ାଉଥିଲା।ଏ କିଆରୀ ଗୁଡିକ ଉଚ୍ଚା ଜମି। ସବୁ ଖରିଫ ଋତୁରେ ଏ କିଆରୀରେ ପାଣି ମାଡ଼େ ନାହିଁ। ସେ ବନ୍ଧ କାଟିବାରୁ ଏ ଉଚ୍ଚା ଜମିଗୁଡିକୁ ପାଣିମାଡିଲା। ବନ୍ଧକାଟିବା କଥା ମଥୁରୀ ସାହୁ ମନ କଲା। ହରି ପରିଡା ତଥ୍ୟ ଅନୁଯାୟୀ ମୁଁ କେନ୍ଦ୍ରାପଡା ଥାନାରେ F.I.R ଦେଲି।

Exhibit-I: ମୁଁ ଦେଇଥିବା F.I.R.

**Cross Examination:**

F.I.R. ଦେବା ପୂର୍ବରୁ କିମ୍ବା ପରେ ମୁଁ ସରଜମିନ୍ ରେ ବନ୍ଧ କାଟିବା କିମ୍ବା କିଆରୀଗୁଡିକର ଅବସ୍ଥିତି ତଦନ୍ତ କରି ନାହିଁ. ତା 18.10.2003ରିଖ ଦିନ ହୀରାକୁଦ ଜଳଭଣ୍ଡାରରୁ ପାଣି ଛଡାଯାଇଥିଲା କି ନାହିଁ, ମୋର ନଜରରେ ନାହିଁ. କାରଣ ମୁଁ ଚାରିଦିନ ଛୁଟିରେ ଥିଲି. ମଝିରେ ମଝିରେ ଅଧିକା ପାଣି ଜଳଭଣ୍ଡାରରେ ହୋଇଗଲେ ବନ୍ଧର କବାଟି ଖୋଲାଯାଏ. ଏ କିଆରୀଗୁଡିକ ଆୟକଟ ମଧ୍ୟରେ ଅଛି କି ନାହିଁ ନ୍ୟାୟ ନଦେଖିଲେ କହିହେବ ନାହିଁ.

**Statement of Sri Hari Pradhan, S/o- Damodar Pradhan aged about 37 years, Vill- Indupur, P.S. Kendrapara, Dist- Kendrapara on solemn affirmation:**

ମୁଁ କେନ୍ଦ୍ରାପଡା ବୃହତ୍ତର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଅଫିସ୍ ରେ 5 ବର୍ଷ ହେଲା ପେଟ୍ରୋଲ ଚାକିରୀ କରୁଛି. ଗତ 19.10.2003 ରିଖ 5ଟା ବେଳେ ପେଟ୍ରୋଲିଂ କାମ ସାରି ଫେରୁଥିବା ବେଳେ କରୁଣାକର ପ୍ରଧାନ ଖଲାସି ମୋତେ ଜଣାଇଲେ ଯେ, କେନାଲ୍ ବନ୍ଧ କଟାଯାଇ ଇଟାପଥର ଦେଇ ବନ୍ଦ କରାଯାଇଛି. ମଥୁରୀ ସାହୁ ଗାଁର ଶେଷ ମୁଣ୍ଡରେ ଥିବା ପାଞ୍ଚଟି

ଉଚ୍ଚ କିଆରୀରେ ପାଣି ମଡାଇବାର ଦେଖିଲି. ମଥୁରୀ ବନ୍ଧ କାଟିବା କଥା ମନା କଲା. ଖଲାସୀଠାରୁ ଏ ବିଷୟ ଶୁଣି ମୋ ହୃଦବୋଧ ହେଲା ଯେ, ମଥୁରୀ ସାହୁ ଉଚ୍ଚା କିଆରୀରେ ପାଣି ମଡାଇବା ପାଇଁ ବନ୍ଧ କାଟିଥିଲେ. ଅଫିସକୁ ଫେରି ରାତିରେ କନିଷ୍ଠ ଯନ୍ତ୍ରୀଙ୍କୁ ମଥୁରୀ ସାହୁ ବନ୍ଧ କାଟିବା ଉଚ୍ଚା କିଆରୀକୁ ପାଣି ମଡାଇଥିବା ବିଷୟ ଜଣାଇଲି.

## Cross Examination:-

ଏ ପାଞ୍ଚଟି ଉଚ୍ଚା କିଆରୀ ବହୁ ଥର ଦେଖିଛି. ପ୍ରଚୁର ପାଣି ନ ଆସିଲେ ଏହି କିଆରୀରେ ପାଣି ମଡାଇବା ସମ୍ଭବ ନୁହେଁ. ମଥୁରୀ ସାହୁ ବନ୍ଧ କାଟିବା ମୁଁ ଦେଖିନାହିଁ. ହୀରାକୁଦ ଜଳଭଣ୍ଡାର କବାଟି ତା.18.10.2003 ରିଖ କିମ୍ବା ତା 19.10.2003ରିଖରେ ଖୋଲାଯିବା ମୋ ନଜରରେ ନଥିଲା. ବନ୍ଧ କଟାଯିବା ବିଷୟ ମୁଁ ସରଜମିନ୍ ରେ ତଦନ୍ତ କରି ନାହିଁ. ବନ୍ଧ କଟା ତଦନ୍ତ କରିଥିବା ଖଲାସି ମୋତେ ଜଣାଇଥିଲେ. F.I.R. ଦାଖଲ ପୂର୍ବରୁ ଅନ୍ୟ ଚାଷୀଙ୍କ ପାଖରୁ ଏ ବିଷୟରେ ସେ ତଦନ୍ତ କରିଥିଲେ. କେଉଁ ଚାଷୀ କେବେ ବନ୍ଧ କାଟିଛି ସଠିକ୍ ଭାବେ ଜଣା ପଡିଲା ନାହିଁ.

## Statement of Karunakar Pradhan, S/o- Kasinath Pradhan aged about 45 years, Village- Dholajamara, P.S./ Dist- Kendrapara on solemn affirmation :-

ମୁଁ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ୍ ରେ 4 ବର୍ଷ ହେଲେ ଖଲାସୀ କାମ କରି ଆସୁଛି. ଗତ ତା 19.10.2003 ରିଖ ସକାଳୁ କାମକୁ ଗଲାବେଳେ ଦେଖିଲି ଯେ, କେନାଲ୍ ବନ୍ଧ କଟା ହୋଇ ପଥର ମାଟି ଦେଇ କଟାଯାଇଥିବା ଅଂଶ ବନ୍ଧ କରି ଦିଆଯାଇଛି. ଧାନ ହୋଇଥିବା କିଆରୀଗୁଡିକ ବୁଲି ଦେଖିଲି ଯେ, ଗାଁର ଶେଷ ମୁଣ୍ଡରେ ମଥୁରୀ ସାହୁ ପାଞ୍ଚ ଗୋଟି ଉଚ୍ଚା କିଆରୀରେ ପାଣି ମଡାଇଛନ୍ତି. ଏ କିଆରୀଗୁଡିକ ଗାଁର ଶେଷ ମୁଣ୍ଡରେ . ଏ କିଆରୀଗୁଡିକରେ ପାଣି ମାଡେ ନାହିଁ. ଏଣୁ ମୋ ସନ୍ଦେହ ହେଲା ଯେ, ମଥୁରୀ କେନାଲ ବନ୍ଧ କାଟି ଉଚ୍ଚ କିଆରୀଗୁ ପାଣି ଦେଇଛନ୍ତି. ସେ କେନାଲ ବନ୍ଧ କାଟିବା କଥା ମନା କଲେ. ଏ ବିଷୟ ପେଟ୍ରୋଲିଂ ବାବୁଙ୍କୁ ଜଣାଇଲି.

**Cross Examination:**

କେନାଲ ବନ୍ଧ କେଉଁ ଚାଷୀ କାଟିଲା ମୁଁ ଦେଖିନାହିଁ. କେବେ ବନ୍ଧ କଟା ହେଲା ଓ ବନ୍ଧ କରାଗଲା, ତାହା ତଦନ୍ତ କରିଥିଲି, କିନ୍ତୁ ସଠିକ୍ ଭାବରେ ଜଣା ପଡିଲା ନାହିଁ. ସମୟେ ସମୟେ ହୀରାକୁଦ ଜଳଭଣ୍ଡାରରୁ ପାଣି ଛଡାଯାଏ. ସେ ସମୟରେ ସବୁ କିଆରୀକୁ ପାଣି ମାଡେ.

**Evidence of Defence Witnesses:**

Statement of Sri Mathuri Sahoo, S/o- Late Mohan Sahoo aged about 39 years Village-Dhola, P.S./Dist- Kendrapara on solemn affirmation.

ମୁଁ ଗଗନ ପରିଡାଙ୍କ ହଳିଆ, ଜମି ମାଲିକଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଖ କିଆରୀରେ ଅଧିକ ପାଣି ହେବାରୁ ହିଡକାଟି ପାଞ୍ଚଟି କିଆରୀକୁ ପାଣି ମଡାଇଲି.

**Cross Examination:**

ମୁଁ ବନ୍ଧ କାଟି ନାହିଁ, ଗତ ଖରିଫ୍ ଋତୁରେ ଏ ପାଞ୍ଚଟି କିଆରୀ ଅଳ୍ପ ପାଣି ପାଇଥିଲା. ସେଥିପାଇଁ ଧାନ ଅମଳ କମ୍ ହୋଇଥିଲା. ପାଖ କିଆରୀଗୁଡିକରେ ପ୍ରଚୁର ପାଣି ହେବାରୁ ଏ ଉଚ୍ଚା କିଆରୀରେ ପାଣି ମଡାଇବା ସହଜ ହେଲା. ପାଖ କିଆରୀ ମାଲିକଙ୍କ ହିଡ କାଟିବାରୁ ସେ କୌଣସି ଆପତ୍ତି କରି ନଥିଲେ. ଖଲାସୀ ମୋ ବିରୁଦ୍ଧରେ କରିଥିବା ବନ୍ଧ କଟା ଅଭିଯୋଗ ମିଥ୍ୟା ଅଟେ. ମୋର ତାଙ୍କ ସହିତ କୌଣସି ଶତ୍ରୁତା ନାହିଁ.

Statement of Sri Gagan Parida, S/o- Late Babaji Parida aged about 53 yrs, Village- Chhoti, P.S/Dist- Kendrapara on solemn affirmation.

ଏ କେସ୍ ରେ ସଂପୃକ୍ତ ପାଞ୍ଚଟି ଉଚ୍ଚା ଧାନ କିଆରୀ ମୋର ଗତ ତା 18.10.2003ରିଖ ରାତିରେ ହୀରାକୁଦ ଜଳଭଣ୍ଡାରର କବାଟ ଖୋଲା ହେବାରୁ ସବୁ କିଆରୀରେ ପ୍ରଚୁର ପାଣି ମାଡିଲା. ମୋ ଜମିର ପାଖ କିଆରୀ ମାଲିକଙ୍କ ଅନୁମତି ନେଇ ତାଙ୍କ ହିଡକାଟି ମୋ କିଆରୀକୁ ପାଣି ମଡାଇବା ପାଇଁ ହଳିଆକୁ ନିର୍ଦ୍ଦେଶ ଦେଇଥିଲି. ବହୁଥର ଏପରି ପ୍ରଚୁର ପାଣି ଆସେ, ଏହି ସମୟରେ ଉଚ୍ଚ ଜମିରେ ପାଣି ମଡାଇବା ପାଇଁ ବନ୍ଧ କାଟିବା ଦରକାର ପଡେ ନାହିଁ.

**Cross Examination:**

F.I.R.ରେ ଲେଖାଥିବା ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା. ମୋ ହଳିଆ ବନ୍ଧ କାଟି ନାହିଁ. ଜଳସେଚନ କର୍ମଚାରୀ ବନ୍ଧ କଟା ବିଷୟରେ ଠିକ୍ ଭାବେ ତଦନ୍ତ ନ କରି ମୋ ହଳିଆକୁ ବନ୍ଧ କଟା ମାମଲାରେ ଅଭିଯୁକ୍ତ କରିବା ଠିକ୍ ନୁହେଁ. ବନ୍ଧ କେବେ ଓ କିଏ କାଟିଲା, ଅନୁସନ୍ଧାନ ନକରି ମୋ ହଳିଆ ନାଆଁ ରେ F.I.R. ଦେଇଛନ୍ତି. ଏହା ଅନ୍ୟାୟ. ମୋର ଅନ୍ୟ ଜମିରେ ପାଣି ମାଡେ. ଏହି ପାଞ୍ଚଟି ଉଚ୍ଚ କିଆରୀକୁ ପାଣି ଦେବା ପାଇଁ ମୁଁ ଦରଖାସ୍ତ କରିଛି. ଆଜକୁ 2 ମାସ ହେବ ମୋର ଦରଖାସ୍ତ ବିଚାରଧୀନ ରହିଛି. ଏହି ଜମି ପାଇଁ ମୁଁ ଜଳକର ଦିଏ ନାହିଁ. କାରଣ ଏହି ଜମିଗୁଡିକୁ ଆୟକଟ୍ ଭିତରେ ନାହିଁ.

ଜଳସେଚନ କର୍ମଚାରୀଙ୍କ ସହିତ ମୋର କୌଣସି ଖରାପ ସଂପର୍କ ନାହିଁ. ବନ୍ଧକଟା ଏକ ଗୁରୁତର ଅପରାଧ. ଏହି ଅପରାଧରେ ଜଣେ ନିର୍ଦ୍ଦେଶକୁ ଭଲଭାବରେ ତଦନ୍ତ ନକରି ଦୋଷାରୋପ କରି F.I.R. ଦେବା ଜଣେ ସରକାରୀ କର୍ମଚାରୀଙ୍କ ପକ୍ଷେ ଅସମିଚୀନ କାର୍ଯ୍ୟ.

******